# Akashvani, Sambalpur

## SAMBALPURI NEWS BULLETIN

### 26 December 2025 – 6.47- 6.52 am.

************************************************

ବୀର୍ ବାଲ୍ ଦିବସ୍ I&PR

ବୀର୍ ବାଲ୍ ଦିବସ୍ ଉଧେଁ ଆଏଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ଠାନେ ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ପ୍ରଦାନ୍ କର୍‌ବେ । ଇ ଅବ୍‌ସରେ ୧୮ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ୨୦ ଝନ୍ ଛୁଆମାନ୍‌କୁ ରାଷ୍ଟ୍ରପତି ଇ ପୁରସ୍କାର୍ ପ୍ରଦାନ୍ କର୍‌ବେ । କେନ୍ଦ୍ର ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ଭାରତ୍‌ର ଛୁଆମାନ୍‌କର୍ ସାହାସ୍ ଆଉ ତ୍ୟାଗକେ ସୁର୍‌ତା କରିକରି ଇ ଦିବସ୍ ପାଳନ୍ କରାଯାଉଛେ । ମନ୍ତ୍ରଣାଳୟ ତର୍‌ଫୁ ଆଏଜ୍ ଦିନର୍ ସାଢ଼େ ୧୨ ବଜେ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ବୀର୍ ବାଲ୍ ଦିବସ୍ କାର୍ଯ୍ୟକ୍ରମ୍ ଆୟୋଜିତ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଥି ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ବିଜେତାମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କରିକରି ସାରା ଦେଶର୍ ଛୁଆମାନ୍‌କୁ ଉଦ୍‌ବୋଧନ୍ ଦେବେ । ଡିଡି ନ୍ୟୁଜ୍‌ଥି ଇତାର୍ ସିଧା ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ- ଏସ୍‌ଓଜି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଉପକଣ୍ଠ ଚନ୍ଦକା ଏସ୍‌ଓଜି କେନ୍ଦ୍ର ପରିସର୍ ନ ନୂଆଁ ପ୍ରଶିକ୍ଷଣ୍ ଆଉ ବ୍ରିଫିଙ୍ଗ୍ କେନ୍ଦ୍ରର୍ ଅତ୍ୟାଧୁନିକ୍ ଆତଙ୍କ୍‌ବାଦ୍ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ରର୍ ଉଦ୍‌ଘାଟନ୍ କରିଛନ୍ । ନୂଆଁ ପ୍ରଶିକ୍ଷଣ କେନ୍ଦ୍ର ନ ଏକାସାଙ୍ଗେ ୪ ଶହ ଜବାନ୍‌ଙ୍କୁ ତାଲିମ୍ ଦିଆଯାଇପାର୍‌ବା । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ୧୬ ଟା ଜିଲ୍ଲା ନ ୧୬ ଟା ଥାନାର୍ କୋଠା, ୬୦ ଟା ସର୍‌କାରୀ ବାସଗୃହ, ବାରାକ୍, ଅସ୍ତ୍ରାଗାର୍ ଆଉ ପ୍ରଶାସନିକ କୋଠାର୍ ଭିଲ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଗଣତନ୍ତ୍ରର ହିଂସାର୍ କେନ୍‌ସି ଠାନ୍ ନାଇଁନ । ହିଂସାଥି ମାତିଥିବା ସଂଗଠନ୍ ଆଉ ବ୍ୟକ୍ତିବିଶେଷ୍‌ଙ୍କୁ ସର୍‌କାର୍ କଠୋର୍ ଭାବେ ଦମନ୍ କର୍‌ବାର୍‌କେ ବଦ୍ଧ ପରିକର । ମାଓବାଦୀମାନେ ଆତ୍ମସମର୍ପଣ୍ କରିକରି ମୁଖ୍ୟଧାରାଥି ସାମିଲ୍ ହଉନ୍ ବଲି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଖୋର୍ଦ୍ଧା ମହୋତ୍ସବ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଖୋର୍ଦ୍ଧା ମହୋତ୍ସବ୍‌ଥି ଯୋଗ୍ ଦେଇକରି ଜିଲ୍ଲାର୍ ବିକାଶ୍ ଲାଗି ୫ ଶହ ୧୬ କୋଟି ଟଙ୍କାର୍

୩୯ ଟା ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ସେଥିର୍‌ଭିତ୍‌ରେ ୩୨ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା ହେଇଥିଲା ବେଲେ ୭ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଓଡ଼ିଶୀ ନୃତ୍ୟ ମହୋତ୍ସବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ନ ଗୁରୁ କେଲୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ତର୍ଫୁ ଆଏଜ୍ଠାନୁ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ୍ ମୁଲ୍ ହେବା । ୫ ଦିନିଆ ଇ ମହୋତ୍ସବ୍କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍ଘାଟନ୍ କର୍ବେ । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ଙ୍କର୍ ସହେତେ ଅଲ୍ଗାମାନେ ଉପସ୍ଥିତ୍ ରହେବେ । ଇ ବଛର୍ ମହୋତ୍ସବ୍ଥି ଦେଶ୍ ବିଦେଶ୍ନୁ ପାଖାପାଖି ୩ ଶହ ୫୦ ଝନ୍ ନୃତ୍ୟ ଶିଳ୍ପୀ ଭାଗ୍ ନେବେ । ସେଥିର୍ ଭିତ୍ରେ  ୧୫ ଝନ୍ ବିଦେଶୀ କଳାକାର୍ ଭାଗ୍ ନେବାର୍ କାର୍ଯ୍ୟସୂଚୀ ରହିଛେ ।

ଧନୁଯାତ୍ରା        ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ୍ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଲାଗି ମଥୁରା ନଗରୀ ସାଜିଥିବା ବର୍ଗଡ଼୍ ସହର୍ ଆଉ ଗୋପପୁର ହେଇଥିବା ଅମାପାଲି ଗଜ୍ଗଜେଇ ଯାଉଛେ । ମଥୁରା ନଗରୀ ନ କଂସ ମହାରାଜ୍ଙ୍କର୍ ରାଜୁତିଥି ପ୍ରଜା ଥରହର ହଉଛେ । ଗୋପପୁର ନ ଆଏଜ୍ଠାନୁ ଗୋପଲୀଳା ମୁଲ୍ ହେବା ।

ଇ ଅବ୍‌ସରେ ଗଲାକାଏଲ୍‌ଠାନୁ ବର୍‌ଗଡ୍ ସର୍‌କାରୀ ବାଳିକା ବିଦ୍ୟାଳୟ ନ ବାଲ୍ ଧନୁଯାତ୍ରା ମୁଲ୍ ହେଇଛେ । ନେସ୍‌ନାଲ୍ ସ୍କୁଲ୍ ଅଫ୍ ଡ୍ରାମା, ରାଜ୍ୟ ଶିକ୍ଷା ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ଧନୁଯାତ୍ରାଥି ଛାତ୍ରଛାତ୍ରୀମାନେ ଦ୍ୱାପର୍ ଯୁଗର୍ ଭିନ୍ ଭିନ୍ ଚରିତ୍ରଥି ଅଭିନୟ କରିଛନ୍ ବଲି ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ କହିଛନ୍....

(ଭଏସ୍ ଓଭର୍- ଜିଲ୍ଲା ଶିକ୍ଷାଧିକାରୀ)

ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍ ଆରଣ୍ୟକ୍ ମଂଚ ଠାନେ ୨୮ ନମ୍ବର୍ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ୍ ଥି ଗଲାକାଏଲ୍ ୩ ଟା ନାଟକ୍ ପ୍ରଦର୍ଶିତ୍ ହେଇଥିଲା । ସୁବର୍ଣ୍ଣପୁର୍ ଜିଲ୍ଲା ବଡ଼କର୍ଲେର ବୀଣାପାଣି ସାହିତ୍ୟ ସଂସଦ୍ ତର୍‌ଫୁ 'କୈକେୟୀ', ବର୍‌ଗଡ୍ ସମର୍ପଣ୍ ସାଂସ୍କୃତିକ୍ ଅନୁଷ୍ଠାନ୍ ତର୍‌ଫୁ 'ଆଏବା ସଖାଲ୍' ଆଉ ବର୍‌ଗଡ୍ ପୋଡ଼ବାଡ଼ି ବୀର ସୁରେନ୍ଦ୍ର ସାଏ କ୍ଲବ୍ ତର୍‌ଫୁ 'କଳାଗ୍ରାମ୍' ନାଟକ୍ ପ୍ରଦର୍ଶିତ୍ ହେଇଥିଲା ।

ମଠଖାଇ ମହୋତ୍ସବ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ କୋଶଲ୍ କଲାମଣ୍ଡପ୍ ପଡ଼ିଆ ନ ଗଲାକାଏଲ୍ଠାନୁ ୧୭ ନମ୍ବର୍ ସର୍ବଭାରତୀୟ ମଠଖାଇ ମହୋତ୍ସବ୍ ମୁଲ୍ ହେଇଛେ । ନାଟ୍ୟଅନୁଷ୍ଠାନ୍ ଭୂମିକା ଆଉ ମଠ୍ଖାଇ ମହୋତ୍ସବ୍ କମିଟି ତରଫ୍ରୁ ହେଇଥିବା ମହୋତ୍ସବ୍ର ଉଦ୍ଘାଟନୀ ସମାରୋହଥି ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁନୁଷ୍ ସମାଜ୍ ଥିବାର୍ତକ୍ ନାଟକ୍ ବଂଚି ରହେବା ବଲି କହିଛନ୍ । ଇ ଅବ୍ସରେ ଆଘର୍ ମନ୍ତ୍ରୀ ନରସିଂହ ମିଶ୍ର ଭିଲ୍ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ହପ୍ତେତକ୍ ରାତିର୍ ତାପମାତ୍ରା ନାଇଁ ବଦ୍ଲେ । ଆଏବା କାଏଲ୍ ସଖାଲେ ଘନାକୁହୁଡ଼ି ହେବାର୍ ନେଇକରି ସୁନ୍ଦର୍ଗଡ୍, ଖୋର୍ଦ୍ଧା, ଢେଙ୍କାନାଲ୍, କୋରାପୁଟ୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ । ପଶ୍ଚିମ ଓଡ଼ିଶା ସହେତେ ୨୦ ଟା ଜିଲ୍ଲା ନ ହାଲ୍କାନୁ ମଧ୍ୟମ୍ ଧରଣ୍ର କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ତରଫ୍ରୁ ଅନୁମାନ୍ କରାଯାଇଛେ ।